# TET_JULY_2024_ 2A _LANGAUGE ODIA_ MORNING S1_03.10.2024

1. As per the theory of Moral Development of Lawrence Kohlberg the level between 14 years to Adult stage
   1. Pre - conventional
   2. Conventional
   3. Post conventional
   4. West conventional

   ଲରେନ୍ସ୍ କୋହଲବର୍ଗ ନୈତିକ ବିକାଶ ତତ୍ତ୍ୱ ଅନୁସାରେ 14 ବର୍ଷରୁ ଯୁବାବସ୍ଥା ପର୍ଯ୍ୟନ୍ତ ଥିବା ସ୍ତରକୁ ଏହା କୁହାଯାଏ ।
   1. ପ୍ରାକ୍ - ପ୍ରଥାସମ୍ମତ ସ୍ତର
   2. ପ୍ରଥାସମ୍ମତ ସ୍ତର
   3. ଉତ୍ତର ପ୍ରଥାସମ୍ମତ ସ୍ତର
   4. ପଶ୍ଚିମ ପ୍ରଥାସମ୍ମତ ସ୍ତର

2. One of the following is the founder of behaviourism
   1. Max Wertheimer
   2. John. B. Watson
   3. Sigmund Freud
   4. Jean Piaget

   ନିମ୍ନୋକ୍ତ ମଧ୍ୟରୁ ଆଚରଣବାଦର ପ୍ରବେଶ କରିଥିଲେ
   1. ମାର୍କ୍ସ ୱାର୍ଥିମାର୍
   2. ଜନ୍ ବି. ୱାଟ୍ସନ୍
   3. ସିଗ୍‌ମଣ୍ଡ ଫ୍ରଏଡ୍
   4. ଜିନ୍ ପିଆଜେ

3. As per classification of Elizabeth Hurlock the stage between 6 to 10 years is
   1. Late childhood
   2. Adolescence
   3. Early childhood
   4. Puberty

   ଏଲିଜାବେଥ୍ ହର୍ଲାକ୍ଙ୍କ ଅନୁସାରେ 6 ବର୍ଷରୁ 10 ବର୍ଷ ପର୍ଯ୍ୟନ୍ତ ଥିବା ଅବସ୍ଥା

   1. ଉତ୍ତର ବାଲ୍ୟାବସ୍ଥା
   2. କୈଶୋରାବସ୍ଥା
   3. ଆଦ୍ୟ ବାଲ୍ୟାବସ୍ଥା
   4. ଯୌବନାରମ୍ଭ ଅବସ୍ଥା

4. The following is known as ‘Clinical method’
   1. Experimental method
   2. Correlational study
   3. Longitudinal method
   4. Case study method

   ନିମ୍ନୋକ୍ତ ମଧ୍ୟରୁ ‘ନୈଦାନିକ ପଦ୍ଧତି’ ରୂପେ ପରିଚିତ

   1. ସଂପରୀକ୍ଷଣ ପଦ୍ଧତି
   2. ସହସମ୍ବନ୍ଧୀ ଅଧ୍ୟୟନ
   3. ଅନୁଦୈର୍ଘ୍ୟ ଅଧ୍ୟୟନ
   4. ବ୍ୟକ୍ତି ଇତିହାସ ପଦ୍ଧତି

5. According to Erikson’s theory of Psycho – social development, ‘Industry – inferiority’ is found in
   1. Play age
   2. School age
   3. Adolescence
   4. Adulthood

   ଏରିକ୍ସନ୍ଙ୍କ ମନୋ ସାମାଜିକ ବିକାଶ ତତ୍ତ୍ୱ ଅନୁଯାୟୀ, ଏହି ଅବସ୍ଥାରେ ‘ଶ୍ରମ-ନ୍ୟୂନତା’ ଦେଖାଦିଏ ।
   1. କ୍ରୀଡ଼ା ଅବସ୍ଥା
   2. ବିଦ୍ୟାଳୟ ଅବସ୍ଥା
   3. କୈଶୋରାବସ୍ଥା
   4. ଯୌବନାବସ୍ଥା

6. “Development means that changes in the structure, thought or behaviour of a person which occur as function of both biological and environmental influences”. This statement is given by
   1. Anderson
   2. Crow & Crow
   3. Craig
   4. Hurlock

   ବିକାଶ କହିଲେ, ଏକ ବ୍ୟକ୍ତିର ଗଠନ, ଚିନ୍ତନ ଓ ଆଚରଣରେ ପରିବର୍ତ୍ତନ ହେବା। ଏହା ଜୈବିକ ଓ ପରିବେଶ ପ୍ରଭାବ ଦ୍ୱାରା ହୋଇଥାଏ । - ଏହି ଉକ୍ତିର ପ୍ରସ୍ତାବକ
   1. ଅଣ୍ଡର୍ ସନ୍
   2. କ୍ରୋ ଏବଂ କ୍ରୋ
   3. କ୍ରାଇଗ୍
   4. ହର୍ଲାକ୍

7. General factor (G) and Specific factors (S) in intelligence were proposed by
   1. L. L. Thurstone
   2. Guilford
   3. D.W. Weschler
   4. Spearman

   ବୁଦ୍ଧିରେ ସାଧାରଣ କାରକ(G) ଓ ନିର୍ଦ୍ଦିଷ୍ଟକାରକ(S)ର ପ୍ରତିପାଦନ କରିଥିଲେ

   1. ଏଲ୍. ଏଲ୍. ଥରଷ୍ଟନ୍
   2. ଗିଲ୍‌ଫର୍ଡ୍
   3. D.W. ୱେସ୍‌ଲର୍
   4. ସ୍ପିୟରମ୍ୟାନ୍

8. A person’s strong feeling of importance towards an activity or subject is known as
   1. attitude
   2. interest
   3. aptitude
   4. intelligence

   ଏକ କାର୍ଯ୍ୟକଳାପ କିମ୍ବା ବିଷୟକୁ, ଏକ ବ୍ୟକ୍ତି ଅତିମୁଖ୍ୟ ବୋଲି ଭାବିବା ଅନୁଭୂତିକୁ ଏହା କୁହାଯାଏ

   1. ମନୋବୃତ୍ତି
   2. ଆଗ୍ରହ
   3. ପ୍ରବୃତ୍ତି
   4. ବୁଦ୍ଧି

9. As per Elizabeth Hurlock's book "Developmental Psychology: A life-Span Approach" is not a type of social group.
   1. Unorganized groups
   2. Cliques
   3. Crowds
   4. Gangs

   ଏଲିଜାବେଥ୍ ହର୍ଲାକ୍ଙ୍କ ପୁସ୍ତକ 'ଡେଭଲପ୍‌ମେଣ୍ଟାଲ୍ ସାଇକୋଲୋଜି ଲାଇଫ୍ ସ୍ପାନ୍ ଆପ୍ରୋଚ୍' ଅନୁଯାୟୀ, ଏହା ଏ ପ୍ରକାର ସାମାଜିକ ସମୂହ ନୁହେଁ।

   1. ଅସଂଗଠିତ ଗୋଷ୍ଠୀ
   2. କ୍ଲିକ୍‌ସ୍
   3. ଜନଗହଳି
   4. ଗ୍ୟାଙ୍ଗ୍

10. "A loser in love turns into a poet" is related to the following defense mechanism
    1. Reaction formation
    2. Sublimation
    3. Withdrawal
    4. Displacement

    "ପ୍ରେମରେ ବିଫଳ ବ୍ୟକ୍ତି ଜଣକ କବିରେ ପରିଣତ ହୁଏ" ଏହା ନିମ୍ନ ମାନସିକ ଆତ୍ମରକ୍ଷା କୌଶଳ ସହ ଜଡ଼ିତ

    1. ପ୍ରତିକ୍ରିୟା ଗଠନ
    2. ରୂପାନ୍ତରୀକରଣ
    3. ପ୍ରତ୍ୟାହାର
    4. ସ୍ଥାନଚ୍ୟୁତି

11. This learning theory includes attention, retention, performance and motivation (Reinforcement)
    1. Classical conditioning
    2. Operant conditioning
    3. Insightful learning
    4. Learning through observation

    ଏହି ଶିକ୍ଷଣ ତତ୍ତ୍ୱ ରେ ଅଭିନିବେଶ, ଧାରଣ, କୃତି ଏବଂ ପ୍ରେରଣା (ପୁନର୍ବଳନ) ଅନ୍ତର୍ଭୁକ୍ତ

    1. ଶାସ୍ତ୍ରୀୟ ପ୍ରସୀମନ
    2. କ୍ରିୟା ପ୍ରସୂନ ପ୍ରସୀମନ
    3. ଅନ୍ତର୍ଦୃଷ୍ଟି ଶିକ୍ଷଣ
    4. ପର୍ଯ୍ୟବେକ୍ଷୀ ଶିକ୍ଷଣ

12. When learning or training in one situation inhibits the learning in another situation, it is known as
    1. Positive Transfer of learning
    2. Negative Transfer of learning
    3. Zero Transfer of learning
    4. Bilateral transfer of learning

    ଗୋଟିଏ ପରିସ୍ଥିତିରେ ଶିଖିଥିବା ବିଷୟ କିମ୍ବା ପ୍ରାପ୍ତ ପ୍ରଶିକ୍ଷଣ ଅନ୍ୟ ପରିସ୍ଥିତିର ଶିକ୍ଷଣରେ ବାଧା ସୃଷ୍ଟି କରେ, -ଏହା

    1. ଶିକ୍ଷଣର ସକରାତ୍ମକ ସ୍ଥାନାନ୍ତରଣ
    2. ଶିକ୍ଷଣର ନକରାତ୍ମକ ସ୍ଥାନାନ୍ତରଣ
    3. ଶିକ୍ଷଣର ଶୂନ ସ୍ଥାନାନ୍ତରଣ
    4. ଶିକ୍ଷଣର ଦ୍ୱିପାକ୍ଷିକ ସ୍ଥାନାନ୍ତରଣ

13. “Offering ‘praise instead of blame’, ‘reward rather than punishment’ leads to better outcomes” is said by
1. Bernhard
2. Coleman
3. Hurlock
4. Murray

“ ‘ନିନ୍ଦା ବଦଳରେ ପ୍ରଶଂସା', 'ଦଣ୍ଡ ବଦଳରେ ପୁରସ୍କାର' ଦେଲେ ଉତ୍ତମ ଫଳାଫଳ ମିଳିଥାଏ'' ବୋଲି କହିଥିବା ବ୍ୟକ୍ତି

1. ବର୍ନହାର୍ଡ
2. କୋଲମ୍ୟାନ୍
3. ହର୍ଲକ୍
4. ମୁରେ

14. ‘The understanding of touching current wires with bare hands can cause electric shock, where as utilizing thick plastic gloves eliminates the risk’ which concept formula is this?
1. Specific to General
2. General to Specific
3. Exception
4. Discrimination

'ଖାଲି ହାତରେ ବିଦ୍ୟୁତ୍ ତାରକୁ ସ୍ପର୍ଶ କଲେ ବିଦ୍ୟୁତ୍ ଝଟକା ଲାଗିପାରେ, ମୋଟା ପ୍ଲାଷ୍ଟିକ୍ ଗ୍ଲୋଭ୍ସ୍ ବ୍ୟବହାର କରିବା ଦ୍ୱାରା ବିଦ୍ୟୁତ୍ ଝଟକା ଲାଗିବ ନାହିଁ ବୋଲି ଅବବୋଧ ହେବା' - ଏଠାରେ ଧାରଣର ନିୟମ

1. ନିର୍ଦ୍ଦିଷ୍ଟରୁ ସାଧାରଣ
2. ସାଧାରଣରୁ ନିର୍ଦ୍ଦିଷ୍ଟ
3. ବ୍ୟତିକ୍ରମ
4. ବିବେଚନା

15. The following Gestalt principle states that the elements that are similar to each other tend to be perceived as a group.

1. Law of Proximity
2. Law of Similarity
3. Law of closure
4. Law of continuity

ଏହି ଗେଷ୍ଟାଲ୍ଟ୍ ନିୟମ ଏକାଭଳି ଥିବା ବିଷୟଗୁଡ଼ିକୁ ଏକ ସମୂହଭାବେ ପରିଗଣିତ କରିବାକୁ ସୂଚାଏ

1. ସାମୀପ୍ୟ ନିୟମ
2. ସାଦୃଶ୍ୟ ନିୟମ
3. ଆବଦ୍ଧତା ନିୟମ
4. ନିରନ୍ତର ନିୟମ

16. A baby cannot perform the action properly because it has not reached the right age. The factor that influences the learning is

1. Moral
2. Physical
3. Environmental
4. Social

ସଠିକ ବୟସରେ ପହଞ୍ଚି ନ ଥିବାରୁ ଜଣେ ଶିଶୁ ଠିକ୍ ଭାବରେ କାର୍ଯ୍ୟକଳାପ କରିପାରୁ ନାହିଁ । ଏଠାରେ ଶିକ୍ଷଣକୁ ପ୍ରଭାବିତ କରୁଥିବା କାରକଟି

1. ନୈତିକ
2. ଶାରିରୀକ
3. ପାରିପାର୍ଶ୍ୱିକ
4. ସାମାଜିକ

17. One of the following is related to psychomotor domain
    1. Responding
    2. Precision
    3. Characterization
    4. Understanding

    ନିମ୍ନରୁ ଏହା ମାନସିକ ଚଳନାତ୍ମକ ପରିସର ସହ ସଂପୃକ୍ତ

    1. ପ୍ରତିକ୍ରିୟା ପ୍ରକାଶ
    2. ସୁସ୍ପଷ୍ଟତା
    3. ଚରିତ୍ରାଙ୍କନ
    4. ଅବବୋଧ

18. The type of learning curve arises while learning items with prior knowledge
    1. Convex
    2. Concave
    3. Parallel to X - axis
    4. Parallel to Y - axis

    ପୂର୍ବଜ୍ଞାନ ଜଡ଼ିତ ବିଷୟଗୁଡ଼ିକୁ ଶିକ୍ଷଣ କରିବାବେଳେ ସୃଷ୍ଟି ହେଉଥିବା ଶିକ୍ଷଣ ବକ୍ରରେଖା

    1. ଉତ୍ତଳ
    2. ଅବତଳ
    3. X – ଅକ୍ଷକୁ ସମାନ୍ତର
    4. Y - ଅକ୍ଷକୁ ସମାନ୍ତର

19. ‘Memorization through experimentation’ – this type of memory is
   1. Rote memory
   2. Short term memory
   3. Immediate memory
   4. Active memory

   ‘ପରୀକ୍ଷଣ ଦ୍ୱାରା ସ୍ମରଣ’ ଏ ପ୍ରକାର ସ୍ମୃତି
   1. ଘୋଷା ସ୍ମୃତି
   2. ସ୍ୱଳ୍ପକାଳୀନ ସ୍ମୃତି
   3. ତତ୍‌କ୍ଷଣାତ ସ୍ମୃତି
   4. ସକ୍ରିୟ ସ୍ମୃତି

20. Each learner has a unique way of learning. This is called as
   1. Learning readiness
   2. Learning style
   3. Level of aspiration
   4. Achievement motivation

   ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ଶିଖିବାର ଏକ ନିଜସ୍ୱ ଧାରା ଥାଏ । ଏହାକୁ ଏପରି କୁହାଯାଏ
   1. ଶିକ୍ଷଣ ପ୍ରସ୍ତୁତି
   2. ଶିକ୍ଷଣ ଶୈଳୀ
   3. ଆକାଂକ୍ଷାର ସ୍ତର
   4. କୃତିତ୍ୱ ଅଭିପ୍ରେରଣ

21. 'Netiquettes' refers to

1. Online games
2. Online counselling
3. Online guidance
4. Rules of content to be followed in internet

'ନେଟିକ୍ୱେଟ୍ସ୍' କହିଲେ

1. ଆନ୍ତର୍ଜାଲ ଖେଳ
2. ଆନ୍ତର୍ଜାଲ ପରାମର୍ଶ
3. ଆନ୍ତର୍ଜାଲ ଉପଦେଶନ
4. ଆନ୍ତର୍ଜାଲ ବିନିଯୋଗବେଳେ ଅନୁସରଣୀୟ ନିୟମ

22. International Day of Children's Rights is

1. November 14
2. November 20
3. November 23
4. November 18

ଅନ୍ତର୍ଜାତୀୟ ଶିଶୁ ଅଧିକାର ଦିବସ

1. ନଭେମ୍ବର 14
2. ନଭେମ୍ବର 20
3. ନଭେମ୍ବର 23
4. ନଭେମ୍ବର 18

23. According to NCF – 2005 the main aim of 'Teaching'
1. Construction of Knowledge
2. Completion of Syllabus
3. Developing ICT Skills
4. Providing Homework

NCF – 2005 ଅନୁସାରେ ଶିକ୍ଷାଦାନର ମୁଖ୍ୟ ଉଦ୍ଦେଶ୍ୟ
1. ଜ୍ଞାନର ଗଠନ
2. ପାଠ୍ୟାଂଶ ସଂପୂର୍ଣ୍ଣ କରିବା
3. ICT କୌଶଳ ବିକାଶ କରିବା
4. ଗୃହକର୍ମ ଯୋଗାଇବା.

24. Number of sections in RTE – 2009

RTE – 2009 ରେ ସେକ୍ସନ ସଂଖ୍ୟା
1. 30
2. 45
3. 38
4. 35

25. According to NEP – 2020 Education stages are

NEP – 2020 ଅନୁସାରେ ଶିକ୍ଷାର ସ୍ତର
1. 10 + 2 + 3
2. 5 + 3 + 3 + 4
3. 5 + 3 + 5 + 3
4. 5 + 4 + 4 + 3

26. 'ECCE' stands for

'ECCE' ର ବିସ୍ତାରିତ ରୂପ
1. Early Childhood Care and Education
2. Early Child Care and Evaluation
3. Early Child Council of Education
4. Early Childhood Council and Education

27. The programme ‘SWAYAM’ is maintained by
ଏହା ‘SWAYAM’ ନାମକ କାର୍ଯ୍ୟକ୍ରମ ପରିଚାଳନା କରୁଛି

1. Ministry of Human Rights
2. Ministry of Education
3. NIVO
4. RIE

28. ‘CD’ stands for
‘CD’ କହିଲେ

1. Computer Disk
2. Computer Desktop
3. Compact Desktop
4. Compact Disc

29. ‘Scaffolding’ was introduced by

1. Skinner
2. Bandura
3. Vygotsky
4. Thorndike

.‘ସ୍କାଫୋଲ୍‌ଡିଙ୍ଗ’ର ପରିଚୟ ପ୍ରଦାନ କରିଥିଲେ

1. ସ୍କିନର୍
2. ବନ୍ଦୁରା
3. ୱାଇଗୋଟ୍‌ସ୍କି
4. ଥର୍ଣ୍ଡାଇକ୍

30. ‘Apex’ is an example of
‘ଏପେକ୍ସ’ ହେଉଛି ଏହାର ଉଦାହରଣ

1. Blog
2. Google classroom
3. Twitter
4. Forum

31. ନିମ୍ନୋକ୍ତ ପଦ୍ୟାଂଶଟି ପଢ଼ି ପ୍ରଶ୍ନର ଉତ୍ତର ଚିହ୍ନଟ କର ।

"ଅଗ୍ରଜ – ଆଜ୍ଞାବହ ସୌମିତ୍ରି ରଥୀ,
ରାମ – ହୃଦୟ – ଜ୍ୟୋସ୍ନା ବୈଦେହୀ ସତୀ ।
ବିସର୍ଜି ଭାଗୀରଥୀ ତୀର କାନନେ,
ଲେଉଟାଇଲେ ରଥ ଅଥୟ ମନେ ।"

**ପ୍ରଶ୍ନ:** ପଦ୍ୟାଂଶଟିରେ 'ଅଗ୍ରଜ – ଆଜ୍ଞାବହ' ଶବ୍ଦଟି ଏହାଙ୍କୁ ବୁଝାଉଅଛି

1. ରାମ
2. ଭରତ
3. ଲକ୍ଷ୍ମଣ
4. ଶତ୍ରୁଘ୍ନ

32. ନିମ୍ନୋକ୍ତ ପଦ୍ୟାଂଶଟି ପଢ଼ି ପ୍ରଶ୍ନର ଉତ୍ତର ଚିହ୍ନଟ କର ।

"ଅଳସପଣ ପରିହରି, ଆନନ୍ଦେ ପରିଶ୍ରମ କରି ।
ସତ୍କାର୍ଯ୍ୟ କରି ଅନୁଷ୍ଠାନ, ସାର୍ଥକ କର ଦେହ ପ୍ରାଣ ।
ଆଳସ୍ୟେ ବୁଦ୍ଧିବଳ କ୍ଷୟ, ଉଦ୍ୟମେ ସର୍ବ କାର୍ଯ୍ୟ ଜୟ ।
ଉଦ୍‌ଯୋଗ ବଳେ ସର୍ବସିଦ୍ଧି, ଜାଣିବ ଏହୁ ମହାବିଧି ।"

**ପ୍ରଶ୍ନ:** ନିଜ ଶରୀର ଓ ଜୀବନକୁ ସାର୍ଥକ କରିବା ପାଇଁ ଏହା କରିବାକୁ କୁହାଯାଇଛି

1. ଉତ୍ତମ କାର୍ଯ୍ୟ
2. ଉଦ୍ୟମ
3. ପରିଶ୍ରମ
4. ଆଳସ୍ୟତ୍ୟାଗ

33. ନିମ୍ନୋକ୍ତ ଗଦ୍ୟାଂଶଟି ପଢ଼ି ପ୍ରଦତ୍ତ ପ୍ରଶ୍ନର ଉତ୍ତର ଚିହ୍ନଟ କର ।

ଆମେ ଭୁଲିଗଲୁଣି ଯେ ଆମର ସଭ୍ୟତା, ସଂସ୍କୃତି ତଥା ସ୍ୱାଭିମାନର ପ୍ରତୀକ ହେଉଛି ଆମର ମାତୃଭାଷା । ପୂର୍ବରୁ କୁହାଯାଇଛି ଯେ ମାତୃଭାଷା ଲୁପ୍ତ ହେଲେ, ଆମ ଜାତି ମଧ୍ୟ ଲୁପ୍ତ ହୋଇଯିବ । ଆମେ ନିଜସ୍ୱ ହରାଇ ଅନ୍ୟ ଜାତିର ଦାସ ହୋଇଯିବା । ଆମ ଦୂରଦୃଷ୍ଟିର ଅଭାବରୁ ଏହି ବିପର୍ଯ୍ୟୟକୁ ଦେଖି ନ ପାରି ଅନ୍ଧ ଭାବରେ ଅନ୍ୟର ଅନୁକରଣରେ ଲାଗିଛୁ ।

**ପ୍ରଶ୍ନ:** ଗୋଟିଏ ଜାତି ଲୋପ ହେବା ପାଇଁ ମୁଖ୍ୟ କାରଣଟି -

1. ସଭ୍ୟତା
2. ମାତୃଭାଷା
3. ସ୍ୱାଭିମାନ
4. ସଂସ୍କୃତି

34. ନିମ୍ନୋକ୍ତ ଗଦ୍ୟାଂଶଟି ପଢ଼ି ପ୍ରଶ୍ନର ଉତ୍ତର ଚିହ୍ନଟ କର ।

ପ୍ରାଚୀନ ଯୁଗରେ ଭାରତୀୟ ଶିକ୍ଷାର ମୂଳନୀତି ଧର୍ମ ଓ ନୈତିକତା ଉପରେ ପ୍ରତିଷ୍ଠିତ ରହି ସାମାଜିକ ଜୀବନକୁ ଦୃଢ଼ୀଭୂତ ରଖି ଭାରତୀୟ ସଭ୍ୟତା ଗଠନ କରିଥିଲା । ଜାତିଗତ ଓ ଶ୍ରେଣୀଗତ ପ୍ରଥା ପ୍ରଚଳିତ ଥାଇ ଶିକ୍ଷାଲବ୍ଧ ଶୃଙ୍ଖଳା ବଳରେ ପରସ୍ପର ଏପରି ଶୃଙ୍ଖଳିତ ଜୀବନ ଯାପନ କରୁଥିଲେ ଏବଂ ଏପରି ଏକ ଆଦର୍ଶରେ ଅନୁପ୍ରାଣୀତ ହୋଇଥିଲେ ଯେ ସମୂହ କଲ୍ୟାଣ ସାଧନରେ ସମସ୍ତେ ବ୍ରତୀ ହୋଇପାରୁଥିଲେ ।

**ପ୍ରଶ୍ନ:** ପ୍ରାଚୀନ ଭାରତୀୟ ଶିକ୍ଷାର ଏହିନୀତି ସାମାଜିକ ଜୀବନକୁ ଦୃଢ଼ୀଭୂତ କରି ରଖିଥିଲା -

1. ଶୃଙ୍ଖଳିତ ଜୀବନ
2. ଜାତିଗତ ଓ ଶ୍ରେଣୀଗତ ପ୍ରଥା
3. ଶିକ୍ଷାଲବ୍ଧ ଜ୍ଞାନ
4. ଧର୍ମ ଓ ନୈତିକତା

35. 'କାହା ମୁଖ ଅନାଇ ବଞ୍ଚିବି' – କବିତାର କବିଙ୍କ ପୂର୍ବନାମ

1. ବୈରାଗୀ ଚରଣ ପଟ୍ଟନାୟକ
2. ଉପେନ୍ଦ୍ର ଭଞ୍ଜ
3. ରାମ ଚରଣ ଦାସ
4. ଅଭିମନ୍ୟୁ ସାମନ୍ତ ସିଂହାର

36. 'ଓଡ଼ିଆ କେବେ' ବହିରୁ ସଂଗୃହିତ ପାଠ୍ୟଟି -

1. ଜନ୍ମଭୂମି
2. ଜାତୀୟଜୀବନ
3. ମାତୃଭାଷା ଓ ଲୋକଶିକ୍ଷା
4. ପ୍ରଗତି ଓ ମାନବ ଧର୍ମ

37. ଜଣେ ଐତିହାସିକ ଓ ଲିପିତତ୍ତ୍ୱବିତ୍ ଭାବରେ ସୁପରିଚିତ ବ୍ୟକ୍ତି -

1. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
2. ବୈଦ୍ୟନାଥ ମିଶ୍ର
3. ଗୋଲୋକ ବିହାରୀ ଧଳ
4. ସତ୍ୟନାରାୟଣ ରାଜଗୁରୁ

38. ଖୋର୍ଦ୍ଧା ଜିଲ୍ଲାର ବାଣପୁରରେ ଜନ୍ମଗ୍ରହଣ କରିଥିଲେ -

1. ଗୋଦାବରୀଶ ମହାପାତ୍ର
2. ଗୋଦାବରୀଶ ମିଶ୍ର
3. ଗୋଦାବରୀଶ ଦାସ
4. ଗୋଦାବରୀଶ ତ୍ରିପାଠୀ

39. ଗଙ୍ଗାଧର ମେହେର ଏଭଳି ଭାବେ ପରିଚିତ -

**1.** ପଲ୍ଲୀ କବି

**2.** କବି ସମ୍ରାଟ

**3.** କବିବର

**4.** ସ୍ୱଭାବ କବି

40. ଏହି କବିତାରେ ଗୋପବାଳକମାନଙ୍କ ବିଷୟରେ ଉଲ୍ଲେଖ କରାଯାଇଛି-

**1.** ଜନ୍ମଭୂମି

**2.** କଳାମାଣିକରେ

**3.** ବୃକ୍ଷ ମାହାତ୍ମ୍ୟ

**4.** କାହାମୁଖ ଅନାଇ ବଞ୍ଚିବି

41. 'ଲାବଣ୍ୟବତୀ' ଏହି ଧରଣର କାବ୍ୟ -

1. କାଳ୍ପନିକ
2. ପୌରାଣିକ
3. ଐତିହାସିକ
4. ଭକ୍ତିମୂଳକ

42. ସେବା ମଣିଷର ପରମ ଧର୍ମ । ସେବା କଲେ ଆନନ୍ଦ ମିଳେ । - ଏହି ମୂଲ୍ୟବୋଧକୁ ଗୁରୁତ୍ୱ ପ୍ରଦାନ କରାଯାଇଥିବା ପାଠଟି

1. କ'ଣ ଶିଖିବା
2. ରୋଗୀ ସେବା
3. ସମୂହ ଦୃଷ୍ଟି
4. ମନରେ ଆସୁ ମୋ ଭଲ ଭାବନା

43. ମିଳିଲେ ଯମୁନାର ଲାଗେ । ଏଠାରେ 'ଲାଗେ' ଶବ୍ଦଟିର ଅର୍ଥ

1. ଲାଗିବା
2. ପାଇଁ
3. ପହଞ୍ଚିବା
4. ନିକଟରେ

44. 'ଉତ୍ପଳ' ଶବ୍ଦଟିର ପ୍ରତିଶବ୍ଦ -

1. କୁମୁଦ
2. ତାମରସ
3. କଇଁ
4. ନୀଳୋତ୍ପଳ

45. ପୁର – ପୂର : ଏହି ସମୋଚ୍ଚାରିତ ଶବ୍ଦ ଦୁଇଟିର ଅର୍ଥ ଯଥାକ୍ରମେ -

1. ଗୃହ - ପ୍ରବାହ
2. ଗୃହ - ପୂରା
3. ପ୍ରାସାଦ - ପୂର୍ବ
4. ପୁରୁଣା - ପୂର୍ବ

46. "ମାଆ ପରି ମୋର ଅଳି ଅରଦଳି" – 'ଅଳି' ଶବ୍ଦଟିର ଭିନ୍ନାର୍ଥ

1. ଅଳିଆ, ରାଗ
2. ବୃଶ୍ଚିକ, ଅଳିଆ
3. ଭ୍ରମର, ବୃଶ୍ଚିକ
4. ରାଗ, ବିନତି

47. 'ଉନ୍ନତ' ଶବ୍ଦଟିର ବିପରୀତାର୍ଥବୋଧକ ଶବ୍ଦ -

1. ମହୋନ୍ନତ
2. ଅବନତ
3. ଅବନତି
4. ଉନ୍ନୀତ

48. ନିମ୍ନ ମଧ୍ୟରୁ ଶୁଦ୍ଧ ଶବ୍ଦଟି -

1. ଅନ୍ତର୍ଯାମି
2. ଅନ୍ତର୍ଯ୍ୟାମୀ
3. ଅନ୍ତର୍ଯ୍ୟାମି
4. ଅନ୍ତର୍ଯାମୀ

49. ବ୍ୟଞ୍ଜନ ବର୍ଣ୍ଣର ଖଣ୍ଡିତ ସାଙ୍କେତିକ ରୂପକୁ ଏପରି କୁହାଯାଏ -

1. ଫଳା
2. ମାତ୍ରା
3. ବନାନ
4. ଯୁକ୍ତବର୍ଣ୍ଣ

50. ନିମ୍ନରୁ 'ତତ୍ସମ' ଶବ୍ଦଟି -

1. ସ୍କୁଲ୍
2. ସୁନ୍ଦର
3. ତୋରାଣି
4. ଡାକ୍ତର

51. 'ଘରଦୁଆର' - ଏହା ଏ ପ୍ରକାର ଯୁଗ୍ମଶବ୍ଦ

1. ଧ୍ୱନ୍ୟାତ୍ମକ
2. ବୀପରୀତାର୍ଥକ
3. ସମାନାର୍ଥକ ଯୁଗ୍ମଶବ୍ଦ
4. ଦ୍ୱିରୁକ୍ତ

52. ବିଧେୟ ବିଶେଷଣର ସଂଜ୍ଞା -

1. ବିଶେଷ୍ୟ ପଦ ପରେ ବିଶେଷଣ ପଦ
2. ବିଶେଷଣ ପଦ ପୂର୍ବରୁ ବିଶେଷଣ ପଦ
3. ବିଶେଷଣ ପଦ ପରେ ବିଶେଷ୍ୟ ପଦ
4. ବିଶେଷ୍ୟ ପଦ ପୂର୍ବରୁ ବିଶେଷଣ ପଦ

53. 'ଆୟୁଃ + ବେଦ' – ଏହାର ସଠିକ୍ ସନ୍ଧିପଦ

1. ଆୟୁଃବେଦ
2. ଆୟୁବେଦ
3. ଆୟର୍ବେଦ
4. ଆୟୁର୍ବେଦ

54. 'ଗାୟକ' – ଶବ୍ଦଟିର ସନ୍ଧିବିଚ୍ଛେଦ କଲେ

1. ଗା + ୟକ
2. ଗୈ + ଅକ
3. ଗାୟ + କ
4. ଗୋ + ଅକ

55. 'ଅନ୍ୟଦେଶ' – ଏହି ବିଗ୍ରହ ବାକ୍ୟଟିର ସମସ୍ତ ପଦ -

1. ଦେଶାନ୍ତର
2. ବିଦେଶୀ
3. ବୈଦେଶୀ
4. ବାହାର ଦେଶ

56. "ଧନ୍ୟ ରଥେ ! ତୁମ୍ଭ ଜନ୍ମ ଶୁଭକ୍ଷଣେ,
ମୃତ୍ୟୁଞ୍ଜୟ ତୁମ୍ଭେ ଉତ୍କଳ ଭୁବନେ ।"
ପଦ୍ୟାଂଶଟିରେ ବ୍ୟବହୃତ ଛନ୍ଦର ନାମ -

1. ଚୋଖି
2. ଭାଗବତ ବାଣୀ
3. ବିଭାସ କେଦାର
4. ଆଷାଢ଼ ଶୁକ୍ଳ

57. ଶ୍ୱେତାଙ୍ଗ ଚଢ଼େଇ ଗୁହା ସମୁଦ୍‌ଗତ,

ନୀରଭେଦି କିବା ଉଠେ ଐରାବତ ।

ପଦ୍ୟାଂଶରେ ବ୍ୟବହୃତ ଅଳଙ୍କାରଟି -

1. ଉପମା
2. ଉତ୍‌ପ୍ରେକ୍ଷା
3. ରୂପକ
4. ଅନୁପ୍ରାସ

58. ନିମ୍ନରୁ ଯୌଗିକ ବାକ୍ୟଟି ଚିହ୍ନଟ କର ।

1. ମନୋଜ ଶ୍ରେଣୀରେ ପଢ଼ିପାରିଲା ନାହିଁ ।
2. ମନୋଜ ଶ୍ରେଣୀରେ ବସି ପଢ଼ିପାରିଲା ନାହିଁ ।
3. ମନୋଜ ଯେତେବେଳେ ଶ୍ରେଣୀରେ ବସିଲା, ସେତେବେଳେ ପଢ଼ିପାରିଲା ନାହିଁ ।
4. ମନୋଜ ଶ୍ରେଣୀରେ ବସିଲା, ମାତ୍ର ପଢ଼ିପାରିଲା ନାହିଁ ।

59. ବାକ୍ୟରେ ବ୍ୟବହାର କରାଯାଇଥିବା ପଦଗୁଡ଼ିକର ପାରସ୍ପରିକ ସମ୍ବନ୍ଧକୁ ଏପରି କୁହାଯାଏ

1. ଯୋଗ୍ୟତା
2. ଆସତ୍ତି
3. ବାକ୍ୟାଂଶ
4. ଆକାଂକ୍ଷା

60. ସ୍ୱାମୀ ଓ ସ୍ତ୍ରୀ ଦୁଇଜଣଯାକ ଆଜି ଆସିବେ । - ବାକ୍ୟଟିକୁ ସଂକ୍ଷେପରେ କହିଲେ

1. ସ୍ୱାମୀ ଓ ସ୍ତ୍ରୀ ଆଜି ଆସିବେ ।
2. ଦମ୍ପତି ଆଜି ଆସିବେ ।
3. ଦମ୍ପତି ଦୁଇଜଣ ଆଜି ଆସିବେ ।
4. ସ୍ୱାମୀ ସ୍ତ୍ରୀ ଉଭୟେ ଆଜି ଆସିବେ ।

61. The <u>aspiring</u> musician faced a bigger challenge than most: She was profoundly deaf.
An aspiring person is
1. content
2. ambitious
3. settled
4. unmotivated

62. It is not the little girl's <u>fault</u>, Mr. Jones. I think the geography sector was geared a little too quick.
Identify the antonym of 'fault' in the context of the sentence:
1. regret
2. mistake
3. negligence
4. merit

63. He _________ a visa because he had been in prison.
Identify the best option that fits the blank.
1. refuses
2. has refused
3. was refused
4. refused

64. Choose the prefix that means 'self'.
1. inter
2. auto
3. super
4. multi

65. <u>To break the ice</u>, Maria started with a joke about her vacation mishaps. Identify the meaning of ‘break the ice’ in the sentence above:
    1. to start a conversation in a social setting
    2. to cool down a heated space
    3. to fix a broken object
    4. to freeze a drink

66. Choose the meaning of the phrasal verb: “break down”
    1. to make something stronger
    2. to stop working
    3. to start functioning
    4. to build up

67. Identify how the word ‘Discrepancy’ should be alphabetized in relation to ‘Discretion’.
    1. Discrepancy should come before Discretion.
    2. Discrepancy should come after Discretion
    3. Discrepancy and Discretion should be listed together.
    4. Discrepancy and Discretion are unordered.

68. Identify the correctly punctuated sentence with an address:
    1. They live at 123 Maple street Los Angeles California.
    2. They live at 123 Maple street, Los Angeles California.
    3. They live at 123 Maple street Los Angeles, California.
    4. They live at 123 Maple street, Los Angeles, California.

69. Besides being a good doctor, Sheena is a great artist.
Choose the correct transformation of the simple sentence into a complex sentence:
   1. Sheena is a good doctor, and she is a great artist too.
   2. Although Sheena is a good doctor, she is also a great artist.
   3. Sheena is a great artist as well as a good doctor.
   4. Sheena is not only a good doctor but also a great dancer.

70. Identify the grammatically correct sentence:
   1. The salad is healthier alternate.
   2. The salad is a healthier alternative.
   3. The salad is healthy alternate.
   4. The salad is healthier alternative.

71. Identify the sentence that gives a command
   1. Where are you going?
   2. Finish your work on time.
   3. This is an interesting book.
   4. Wow, that’s impressive!

72. Identify the correct spelling of the word.
   1. recieve
   2. receve
   3. receieve
   4. receive

73. My father said to me, “They are late.”
Choose the correct indirect speech.
1. My father told me that they have been late.
2. My father told me that they were late.
3. My father said to me that they are late.
4. My father said to me that they were late

74. The reason why he quit his job is still a mystery.
Choose the function of the noun clause in the sentence:
1. Subject
2. Predicate
3. Direct object
4. Indirect object

75. One of the following is the term for someone who is an expert in writing by hand:
1. Chirographer
2. Lexicographer
3. Typographer
4. Manuscriptologist

76. In a negative sentence the verb ‘do’ must ________ the subject.
Choose the option that fits the blank.
1. contradict
2. agree with
3. differ from
4. ignore

77. Choose the correct example of a declarative sentence:
1. He is preparing for his exams.
2. Do you like sweets?
3. Open the window.
4. What a surprise!

78. The store was having a sale. ____________, many customers flocked to take advantage of the discounts.
Choose the linker that fits the blank.
1. Nevertheless
2. Hence
3. In Contrast
4. For instance

79. Select the sentence where the definite article is used before the names of musical instruments.
 1. Raju is a guitar player.
 2. Tabla was invented in north India
 3. She taught herself to play veena
 4. He plays the violin.

80. "__________ you help me with this problem?"
 Choose the modal verb to show a request.
 1. Could
 2. Will
 3. Might
 4. Must

81. Identify the sentence that correctly uses 'since' as a subordinating conjunction.
 1. I haven't seen him, since last year.
 2. She has been happy since she got her new job.
 3. It was raining, so we stayed indoors since yesterday.
 4. He will wait since morning.

82. Choose the sentence with the correct use of the correlative conjunction pair 'not only … but also'.
 1. He is not only tall and also strong.
 2. Not only he likes music, but also dancing
 3. She is not only intelligent but also kind.
 4. Not only the cake delicious but also sweet.

83. When preparing a notice, you should use _______ to ensure the content is easy to read and understand.
 Choose the option that fits the blank.
 1. complex language and jargon
 2. bullet points or numbered lists
 3. a small font size
 4. various colours and fonts

84. The primary purpose of writing a short poem is:
1. to tell a long, detailed story
2. to express thoughts or feelings concisely
3. to create complex characters
4. to provide historical context.

85. One of the following is NOT a rule for forming the Present Perfect Continuous tense. Identify it.
1. use have or has as the auxiliary verb.
2. use 'been' after the auxiliary verb.
3. use the present participle form of the main verb.
4. Add 'ed' to the base form of the verb.

86. Identify the structure of a positive sentence in the present perfect tense:
1. Subject + have / has + past participle + rest of the sentence.
2. Subject + was / were + verb + ing + rest of the sentence.
3. Subject + will + base form of the verb + rest of the sentence.
4. Subject + is / am / are + verb + ing + rest of the sentence.

87. They are _________ renovating their house.
Choose the preposition that fits the blank.
1. in the process of
2. in front of
3. in light off
4. in back of

88. I am writing ________ your recent enquiry.
Choose the option that can be used to fill in the blank.
1. in case of
2. in exchange for
3. in regard to
4. in process of

89. Read the following passage.

Gender inequality is a pressing concern in India, affecting various aspects of life from education to employment. Women and girls often face discrimination and violence, impacting their opportunities and well-being. Initiatives to promote gender equality and empower women are in place, but cultural and systemic barriers continue to hinder progress.

Identify the statement that best describes the impact of gender inequality in India:

1. it only affects educational opportunities.
2. it impacts both education and employment.
3. it is only related to healthcare.
4. it is a concern only for men.

90. Read the following passage.

Gender inequality is a pressing concern in India, affecting various aspects of life from education to employment. Women and girls often face discrimination and violence, impacting their opportunities and well-being. Initiatives to promote gender equality and empower women are in place, but cultural and systemic barriers continue to hinder progress.

Cultural and systematic barriers continue to ___________ progress towards gender equality.

1. accelerate
2. ignore
3. promote
4. hinder

91. ଜାତିଭେଦ ବିଲୋପ ଏବଂ ନାରୀ ଓ ପୁରୁଷଙ୍କ ପବିତ୍ର ସମ୍ପର୍କ ପାଇଁ ଅଭିପ୍ରେରିତ ବଳରାମ ଦାସଙ୍କ ମୌଳିକ ରଚନାଟି

1. ଲକ୍ଷ୍ମୀପୁରାଣ
2. ହରିବଂଶ
3. ଶୂନ୍ୟ ସଂହିତା
4. ଚଣ୍ଡୀପୁରାଣ

92. "ଚତୁର ବିନୋଦ" ଏହାଙ୍କ ଏକ କଥା ଗ୍ରନ୍ଥ -

1. କବିସୂର୍ଯ୍ୟବ୍ରହ୍ମା
2. ଯଦୁମଣି ମହାପାତ୍ର
3. ନାରାୟଣାନନ୍ଦ ଅବଧୂତ
4. ବ୍ରଜନାଥ ବଡ଼ଜେନା

93. 'ତ୍ରୈଲୋକ୍ୟ ମୋହିନୀ' – କାବ୍ୟର କବି

1. ଲୋକନାଥ ବିଦ୍ୟାଧର
2. ହଳଧର ପଟ୍ଟନାୟକ
3. ଉପେନ୍ଦ୍ର ଭଞ୍ଜ
4. ବଳଦେବ ରଥ

94. 'କବିବର ରାଧାନାଥଙ୍କ'ର ଏକ ବ୍ୟଙ୍ଗ୍ୟ କାବ୍ୟ

1. କେଦାର ଗୌରୀ
2. ଚନ୍ଦ୍ରଭାଗା
3. ନନ୍ଦିକେଶ୍ୱରୀ
4. ଦରବାର

95. ହରେକୃଷ୍ଣ ମହତାବଙ୍କ ରଚିତ 'ସ୍ୱର୍ଗରେ ଇମର୍ଜେନ୍ସି' ଏକ

1. ଏକାଙ୍କିକା
2. ଗଳ୍ପ
3. ଆତ୍ମକାହାଣୀ
4. ପ୍ରବନ୍ଧ

96. ଆଧୁନିକ ଯୁଗକୁ ଏହି ଯୁଗବୋଲି ମଧ୍ୟ କୁହାଯାଏ

1. ସତ୍ୟବାଦୀଯୁଗ
2. ସବୁଜଯୁଗ
3. ରାଧାନାଥ ଯୁଗ
4. ପ୍ରଗତିଯୁଗ

97. 'ନାଥ ଧର୍ମର' ସର୍ବ ପ୍ରାଚୀନତମ ଗ୍ରନ୍ଥ

1. ଋକ୍‌ଦେବ
2. ସାମବେଦ
3. ଅଥର୍ବବେଦ
4. ଶିଶୁବେଦ

98. 'ଜୟବିଜୟ' ଶିଳାଲେଖ ଏହି ରାଜାଙ୍କ ରାଜତ୍ୱକାଳରେ ଖୋଦିତ ହୋଇଥିଲା

1. ପୁରୁଷୋତ୍ତମ ଦେବ
2. ମୁକୁନ୍ଦ ଦେବ
3. ପ୍ରତାପ ରୁଦ୍ରଦେବ
4. ନରସିଂହ ଦେବ

99. ପ୍ରାଥମିକ ସ୍ତରରେ ଓଡ଼ିଆ ଭାଷା ଶିକ୍ଷାପାଇଁ ମଧୁସୂଦନ ରାଓ ଏହା ରଚନା କରିଥିଲେ

1. ସର୍ବସାର ବ୍ୟାକରଣ
2. ସରଳ ଓଡ଼ିଆ ବ୍ୟାକରଣ
3. ବର୍ଣ୍ଣବୋଧ
4. ବ୍ୟାକରଣ ପରିଚୟ

100. ଓଡ଼ିଆ ଲିପିର ଉପରଭାଗ ଏପରିଥାଏ

1. ଗୋଲାକୃତ
2. ସର୍ପାକୃତ
3. ସିଧା
4. ସମାନ୍ତର

101. ଭାଷା କ୍ଷେତ୍ରରେ ଧ୍ୱନିର ଲିପନ ରୂପକୁ ଏହା କୁହାଯାଏ

1. ଧ୍ୱନି
2. ବର୍ଣ୍ଣ
3. ଅକ୍ଷର
4. ଲିପି

102. ଓଡ଼ିଆ ଭାଷାରେ ଥିବା ଧ୍ୱନି ସଂଖ୍ୟା

1. 41
2. 36
3. 50
4. 25

103. ତ, ଥ, ଦ, ଧ - ଏହି ବର୍ଗ୍ୟ ବ୍ୟଞ୍ଜନଗୁଡ଼ିକର ଉଚ୍ଚାରଣ ସ୍ଥାନ

1. କଣ୍ଠ
2. ଦାନ୍ତ
3. ମୂର୍ଦ୍ଧା
4. ଓଷ୍ଠ

104. 'ଉତ୍କଳ ଦୀପିକା' ପତ୍ରିକାଟି ଏହାଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସମ୍ପାଦିତ ହୋଇଥିଲା

1. ରାଜାରାମ ମୋହନ ରାୟ
2. ରାଧାନାଥ ରାୟ
3. ଅନ୍ନଦା ଶଙ୍କର ରାୟ
4. ଗୌରୀଶଙ୍କର ରାୟ

105. 'ଗୋପବନ୍ଧୁ'ଙ୍କ ଦ୍ୱାରା 'ସମାଜ' ପତ୍ରିକାଟି ଏହି ବର୍ଷ ଆରମ୍ଭ ହୋଇଥିଲା

1. 1915
2. 1909
3. 1919
4. 1925

106. ଆଧୁନିକ ନାଟକର 'ପିତୃପୁରୁଷ' ବୋଲି ଏହାଙ୍କୁ କୁହାଯାଏ

1. ଜଗନ୍ନାଥ ପ୍ରସାଦ ଦାସ
2. ମନୋରଂଜନ ଦାସ
3. ବିଶ୍ୱଜିତ ଦାସ
4. କାର୍ତ୍ତିକ ଚନ୍ଦ୍ରରଥ

107. 'କଣା ମାମୁ'- ଉପନ୍ୟାସଟି ଏହାଙ୍କ ସୃଷ୍ଟି

1. ସୁରେନ୍ଦ୍ର ମହାନ୍ତି
2. ମନୋଜ ଦାସ
3. ଲକ୍ଷ୍ମୀକାନ୍ତ ମହାପାତ୍ର
4. ସଦାଶିବ ମିଶ୍ର

108. 'ରାଧା ମୋହନ ଗଡ଼ନାୟକ' ଏହି କବିତା ସଂକଳନ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି

1. ଉତ୍କଳିକା
2. ଶାମୁକାର ସ୍ୱପ୍ନ
3. ପଶୁପକ୍ଷୀର କାବ୍ୟ
4. ସୂର୍ଯ୍ୟ ଓ ଅନ୍ଧକାର

109. ବିପଦ ଓ ପ୍ରତିକୂଳ ପରିସ୍ଥିତିକୁ ଭୟ ନକରି ଦୁର୍ଗତ ମଣିଷର ସେବା କରିବା ପ୍ରକୃତ ମାନବିକତା - ଏହି ପୃଷ୍ଠଭୂମିରେ ରଚିତ ପାଠ୍ୟଟି

1. ମନରେ ଆସୁ ମୋ' ଭଲ ଭାବନା
2. ବିପନ୍ନର ଉଦ୍ଧାର
3. ମାଡ଼ହାଣ୍ଡି କଥା
4. ଏ ମଣିଷକୁ ପଥର କଲା କିଏ

110. ଏହି କବିତାରେ ହିଂସା, କ୍ରୋଧ, ଅସହିଷ୍ଣୁତା ଉପରେ ସଦ୍‌ଭାବ, ପ୍ରେମ ଓ କ୍ଷମାର ବିଜୟ ଘୋଷଣା କରାଯାଇଛି

1. ଉଦ୍‌ବୋଧନ
2. ଶିକ୍ଷାଦୀକ୍ଷା
3. ଜାତୀୟ ପତାକା
4. ବଶିଷ୍ଠ ଓ ବିଶ୍ୱାମିତ୍ର

111. ପଠିତ 'ଦୂର ପାହାଡ଼' ଏକାଙ୍କିକାର ଏକ ଚରିତ୍ର

1. ସୁରେନ୍ଦ୍ର
2. ମହେନ୍ଦ୍ର
3. ହରେନ୍ଦ୍ର
4. ନରେନ୍ଦ୍ର

112. ଶାସନ, ଶୃଙ୍ଖଳା, ରାଜକୀୟ କର୍ତ୍ତବ୍ୟ ଓ ସମାଜ କଲ୍ୟାଣ ଏହି ପାଠ୍ୟାଂଶରେ କୁହାଯାଇଛି

1. ଜାତୀୟ ଜୀବନ
2. ଶକ୍ତି ଓ ଜ୍ଞାନ
3. ପ୍ରକୃତ ବନ୍ଧୁ
4. ସମୂହ ଦୃଷ୍ଟି

113. 'ପଦ୍ମ' କବିତାରେ କବିଙ୍କ ଏହି ଭାବ ପ୍ରକାଶିତ ହୋଇଛି

1. ସୌନ୍ଦର୍ଯ୍ୟବୋଧ ସହିତ ଈଶ୍ୱରାନୁଭୂତି
2. ଜ୍ଞାନ ସହିତ ଭକ୍ତି
3. ପ୍ରେମ ସହିତ ଭକ୍ତି
4. ସୌନ୍ଦର୍ଯ୍ୟବୋଧ ସହିତ ହିଂସାଭାବ

114. 'ନିସ୍ପୃହ' ଶବ୍ଦଟିର ସଠିକ୍ ଅର୍ଥ

1. ଆଗ୍ରହ
2. କ୍ରୋଧ
3. ଅନାଗ୍ରହ
4. ହିଂସା

115. 'ଅର୍ଣ୍ଣବ' – ର ପ୍ରତିଶବ୍ଦ

1. ନଦୀ
2. ପୁଷ୍କରଣୀ
3. ସମୁଦ୍ର
4. ଝରଣା

116. 'ପ୍ରାଣୀଏ କାଳର କବଳେ' – ଏଥିରୁ 'କାଳ' ଶବ୍ଦଟିର ଭିନ୍ନାର୍ଥ

1. ସମୟ, ଧନ
2. ସମୟ, ମୃତ୍ୟୁ
3. ସମୟ, ଆନନ୍ଦ
4. ମୃତ୍ୟୁ, ଜନ୍ମ

117. 'ପୁରୋହିତ' ଶବ୍ଦଟିର ବିପରୀତାର୍ଥବୋଧକ ଶବ୍ଦ

1. ଅପମାନ
2. ସନ୍ନିହିତ
3. ଆୟୁଷ୍ମାନ
4. ଯଜମାନ

118. ନିମ୍ନରୁ ଶୁଦ୍ଧ ଶବ୍ଦଟି ଚିହ୍ନଟ କର

1. ସଣ୍ଣାସିକ
2. ସୂର୍ଯ୍ୟୋପରାଗ
3. ପ୍ରତ୍ୟକ
4. ଭୂବନେଶ୍ୱର

119. 'ଯବନ' – ଏହାର ସ୍ତ୍ରୀଲିଙ୍ଗ ବାଚକ ଶବ୍ଦ

1. ଯବନା
2. ଯବନାନୀ
3. ଯବଆଣୀ
4. ଯବନୀ

120. 'ଅପ-ମାନ୍-ଅ' – 'ଅପ୍' ଉପସର୍ଗ ଯୋଗେ ଗଠିତ ଶବ୍ଦ

1. ଅପମାନ୍ୟ
2. ଅପମାନି
3. ଅପବାଦ
4. ଅପମାନ

121. 'ସୁର ଓ ବୀର ଦୁଇ ସାଙ୍ଗ, ଉଭୟେ ଏକା ସ୍ୱଭାବର ।' – ବାକ୍ୟଟିରେ 'ଉଭୟେ' ପଦଟି ଏହାକୁ ନିର୍ଦ୍ଦେଶ କରେ

1. ଅବ୍ୟୟ
2. ବିଶେଷ୍ୟ
3. ସର୍ବନାମ
4. ବିଶେଷଣ

122. 'ଗଛଫଛ' – ଏହି ସାର୍ଥକ ପଦରେ 'ଫଛ' ପଦଟି ଏକ

1. ସମାପିକା କ୍ରିୟା
2. ବିଧେୟ ବିଶେଷଣ
3. ନିରର୍ଥକ ଅବ୍ୟୟ
4. ସଂଜ୍ଞାବାଚକ ବିଶେଷ୍ୟ

123. ‘ଅତୁଳ + ଐଶ୍ୱର୍ଯ୍ୟ’ – ଏଥିରୁ ଗଠିତ ସନ୍ଧି ପଦଟି

1. ଅତୁଳାଶ୍ୱର୍ଯ୍ୟ
2. ଅତୁଳୈଶ୍ୱର୍ଯ୍ୟ
3. ଅତୁଳଶ୍ୱର୍ଯ୍ୟ
4. ଅତୂଳାଚର୍ଯ୍ୟ

124. ନିମ୍ନରୁ ବିସର୍ଗ ସନ୍ଧି ଯୋଗେ ଗଠିତ ସନ୍ଧିପଦ

1. ସଂସାର
2. ନିର୍ଲୋଭ
3. ଉଦ୍ଧାର
4. ଶୁଭେଚ୍ଛା

125. ଯେଉଁ ସମାସରେ ସମସ୍ତପଦ, ସମସ୍ୟମାନ ପଦମାନଙ୍କ ମଧ୍ୟରୁ କାହାରି ଅର୍ଥକୁ ନ ବୁଝାଇ ଅନ୍ୟକୁ ବୁଝାଏ - ଏହି ସମାସଟି

1. ବହୁବ୍ରୀହି
2. ତତ୍‌ପୁରୁଷ
3. କର୍ମଧାରୟ
4. ଦ୍ୱନ୍ଦ୍ୱ

126. 'ସିଂହାସନ'- ପଦଟିର ସଠିକ୍ ବିଗ୍ରହ ବାକ୍ୟ

1. ସିଂହର ଆସନ
2. ସିଂହ ପାଇଁ ଆସନ
3. ସିଂହ ଚିହ୍ନିତ ଆସନ
4. ସିଂହ ପରି ଆସନ

127. କୋଡ଼ିଏ ଅକ୍ଷର ବିଶିଷ୍ଟ ପାଦ ଥାଇ, ପ୍ରଥମ ଏବଂ ଦ୍ୱିତୀୟ ପାଦର ଷଷ୍ଠ, ଦ୍ୱାଦଶ, ଅଷ୍ଟାଦଶ ଏବଂ ଶେଷ ଅକ୍ଷର ଉପରେ ଯତିପାତ ହେଲେ ଏହି ଛନ୍ଦ ହୁଏ

1. ଗୁଜ୍ଜରୀ
2. ନଟବାଣୀ
3. ଚୋଖି
4. ବଙ୍ଗଳାଶ୍ରୀ

128. "ଜଳ ପାଇଲା ତୋଷ ଚିତ୍ତେ
ତପସ୍ୱୀ ଜନଙ୍କର ମତେ ।"
-ପଦ୍ୟାଂଶଟିରେ ବ୍ୟବହୃତ ଛନ୍ଦଟି

1. ନଟବାଣୀ
2. ଭାଗବତ ବାଣୀ
3. ଶଙ୍କରାଭରଣ
4. ରାମକେରୀ

129. ଭିନ୍ନାର୍ଥବୋଧକ ଏକ ପ୍ରକାର ଶବ୍ଦର ବାରମ୍ବାର ଆବୃତ୍ତିକୁ - ଏହି ଅଳଙ୍କାର କୁହାଯାଏ

1. ଯମକ
2. ଶ୍ଳେଷ
3. ଅନୁପ୍ରାସ
4. ଉପମା

130. 'କଳୁଷ – ପଙ୍କେ ମୁହିଁ କେଡ଼େ ମଳିନ,
କେମନ୍ତେ ସରି ତୋର ହେବି ନଳିନ ।'
- ପଦ୍ୟାଂଶଟିରେ ବ୍ୟବହୃତ ଅଳଙ୍କାର

1. ଉତ୍ପ୍ରେକ୍ଷା
2. ରୂପକ
3. ଶ୍ଳେଷ
4. ଅନୁପ୍ରାସ

131. ନିମ୍ନରୁ ନାସ୍ତିସୂଚକ ବାକ୍ୟ ଚିହ୍ନଟ କର

1. ଆଜ୍ଞା! ମତେ ଟିକିଏ ସାହାଯ୍ୟ କରନ୍ତୁ ।
2. କବିମାନଙ୍କ ମଧ୍ୟରେ ସାରଳା ଦାସ ଆଦି କବି ଅଟନ୍ତି ।
3. ରୀତା ଦ୍ୱାରା ଏ କାମ କେବେ ବି ହେବ ନାହିଁ ।
4. ଆଜି କେତେ ତାରିଖ ?

132. ନିମ୍ନରୁ 'କୃଦନ୍ତ' ଦ୍ୱାରା ସଂକ୍ଷେପରେ ପ୍ରକାଶିତ ବାକ୍ୟଟି

1. ଦମ୍ପତି ଆଜି ଆସିବେ ।
2. ଜିଜ୍ଞାସୁ ଛାତ୍ର ବିଦ୍ୱାନ ହେବ ।
3. ଖାଇବର ଦୀର୍ଘତମ ଗିରିପଥ
4. ଅତ୍ୟଧିକ ବକ୍ତବ୍ୟ ସ୍ପୃହଣୀୟ ନୁହେଁ

133. 'ନିଜ ଲୋକ ଶତ୍ରୁ' – ଅର୍ଥରେ ବ୍ୟବହୃତ ରୂଢ଼ି

1. କୂପ ମଣ୍ଡୂକ
2. ଖତଗଦାରେ ପଦ୍ମ
3. ଘର ବୁଡ଼ି ଆଣ୍ଠୁଏ ପାଣି
4. ଘର ଢିଙ୍କି କୁମ୍ଭୀର

134. 'ଅଦାବେପାରୀର ଜାହାଜ ମୂଲ' ଲୋକବାଣୀଟି ଏହି ଅର୍ଥରେ ବ୍ୟବହୃତ

1. ଅନଧିକାର ଚର୍ଚ୍ଚା
2. ନିଜ ସମ୍ମାନ ନିଜ ହାତରେ
3. ନିଜେ ସମର୍ଥ ହେବା
4. ଅସମ୍ଭବ କଥା କଳ୍ପନା କରିବା

135. ନିମ୍ନୋକ୍ତ ପଦ୍ୟାଂଶ ପଢ଼ି ପ୍ରଶ୍ନର ଉତ୍ତର ଚିହ୍ନଟ କର

"କବିତା ରସ ଉତ୍ତମ ଗୋକ୍ଷୀର
କରି ତହିଁ ସଙ୍ଗ ସ୍ନେହ ଶାକର
କର୍ଣ୍ଣ ତୁଣ୍ଡରେ ଯେ କରଇ ପାନ
କିଛି ହିଁ ସ୍ୱାଦୁ ଜାଣଇ ସେ ଜନ ।"

ପ୍ରଶ୍ନ: କବିତା ରସକୁ ଏହି ତୁଣ୍ଡରେ ପିଇବା ପାଇଁ କୁହାଯାଇଛି

1. ଆଖି
2. ନାକ
3. ଜିଭ
4. କାନ

136. ନିମ୍ନୋକ୍ତ ପଦ୍ୟାଂଶ ପଢ଼ି ପ୍ରଶ୍ନର ଉତ୍ତର ଚିହ୍ନଟ କର

" ବସନ୍ତରେ ବିରହୀ ଅବଶ
ବସନ୍ତ ଦୂତ ଭାଷାରେ ବଶ
ବସଇ ଉଠଇ ପିକକୁ କହଇ
ଯୁଗ ସମ ରଜନୀ ଦିବସ " ।

ପ୍ରଶ୍ନ: ପଦ୍ୟାଂଶରେ ବସନ୍ତ ଦୂତ ବୋଲି ଏହାକୁ କୁହାଯାଇଛି

1. ରଜନୀ
2. କୋଇଲି
3. ଦିବସ
4. ବିରହୀ

137. ଅନୁଚ୍ଛେଦଟି ପଢ଼ି ପ୍ରଶ୍ନର ଉତ୍ତର ଚିହ୍ନଟ କର ।

ସେ ସମୟରେ ଓଡ଼ିଆ ଭାଷାରେ ଲେଖା କୌଣସି ଛାପା ପୁସ୍ତକ ନଥିଲା । କାହା ଘରେ କିପରି ତାଳପତ୍ରରେ ଲେଖା ହୋଇଥିବା ପ୍ରାଚୀନ ସାହିତ୍ୟ ଓ ପୁରାଣ ଆଦି ରହିଥିଲା । ତାକୁ ସବୁ ପିଲା ପଢ଼ିବାରେ ସୁଯୋଗ ପାଉ ନଥିଲେ । ତେଣୁ ପିଲାମାନେ ପାର୍ଶି ବା ବଙ୍ଗଳା ବହି ପଢୁଥିଲେ ।

ପ୍ରଶ୍ନ: ଏଥି ପାଇଁ ପିଲାମାନେ ପାର୍ଶି ବା ବଙ୍ଗଳା ବହି ପଢୁଥିଲେ

1. ତାଳପତ୍ରର ସାହିତ୍ୟ ଓ ପୁରାଣ ଆଦି ସମସ୍ତଙ୍କୁ ପଢ଼ିବା ପାଇଁ ମିଳୁ ନଥିଲା
2. ପିଲାମାନେ ପାର୍ଶି ବା ବଙ୍ଗଳା ବହି ପଢ଼ିବା ପାଇଁ ବାଧ୍ୟ ହେଉଥିଲେ
3. ଓଡ଼ିଆରେ ବହି ପ୍ରଚୁର ଭାବରେ ଛପା ଯାଉଥିଲା
4. ପିଲାମାନଙ୍କୁ ଓଡ଼ିଆରେ ପଢ଼ିବା ପାଇଁ ମନା କରାଯାଉଥିଲା

138. ଅନୁଚ୍ଛେଦଟି ପଢ଼ି ପ୍ରଶ୍ନର ଉତ୍ତର ଚିହ୍ନଟ କର ।

ଭାଷାର ଗୋଟିଏ ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ଯେ ଏହା ଚିର ପରିବର୍ତ୍ତନଶୀଳ । ପରିବର୍ତ୍ତନରେ ହିଁ ଭାଷା ବିକଶିତ ହୁଏ । ଭାଷାରେ ପରିବର୍ତ୍ତନ ନଥିଲେ ତାହାର ବିକାଶ ସାଧନ ହୁଏ ନାହିଁ । ଉଦାହରଣ ସ୍ୱରୂପ, ବୈଦିକ ସଂସ୍କୃତ ଭାଷାରେ ପରିବର୍ତ୍ତନ ଘଟି ନାହିଁ।

ପ୍ରଶ୍ନ: ବୈଦିକ ସଂସ୍କୃତ ଭାଷାର ବିକାଶ ସହ ଏହା ଜଡ଼ିତ ।

1. ପରିବର୍ତ୍ତନ
2. ଲିଖନ ଶୈଳୀ
3. ଉଚ୍ଚାରଣ
4. ଛାପା ଅସୁବିଧା

139. କେନ୍ଦ୍ରୀୟ ଶିକ୍ଷା ଉପଦେଷ୍ଟା ପରିଷଦ (CABE)ଭାଷା ସମସ୍ୟାର ସମାଧାନ ପାଇଁ ଏହି ମସିହାରେ ତ୍ରିଭାଷୀ ସୂତ୍ର ପ୍ରଣୟନ କରିଥିଲେ -

1. 1964
2. 1995
3. 1956
4. 1998

140. ଆବେଗ, ଅନୁଭୂତି, ମୂଲ୍ୟବୋଧ, ସୌନ୍ଦର୍ଯ୍ୟାନୁଭୂତି, ମନୋଭାବ ଆଦିର ଯଥାର୍ଥ ବିକାଶ, ଭାଷା ଶିକ୍ଷାର ଏହି ଉଦ୍ଦେଶ୍ୟ ପୂରଣ କରିଥାଏ -

1. ଜ୍ଞାନାତ୍ମକ
2. କୌଶଳାତ୍ମକ
3. ସୃଜନାତ୍ମକ
4. ଭାବାତ୍ମକ

141. ପାରମ୍ପରିକ ଶିକ୍ଷାଦନ ପଦ୍ଧତି ଶିକ୍ଷକ କୈନ୍ଦ୍ରିକ; ମାତ୍ର ଆଧୁନିକ ଶିକ୍ଷାଦାନ ପଦ୍ଧତି

1. ବିଦ୍ୟାଳୟ କୈନ୍ଦ୍ରିକ
2. ପାଠ୍ୟପୁସ୍ତକ କୈନ୍ଦ୍ରିକ
3. ଶିକ୍ଷାର୍ଥୀ କୈନ୍ଦ୍ରିକ
4. ପାଠାଗାର କୈନ୍ଦ୍ରିକ

142. ପଠନ ଶିକ୍ଷାର ପ୍ରାରମ୍ଭିକ ସୋପାନର ଏହି ପଠନ ଅପରିହାର୍ଯ୍ୟ

1. ନୀରବ ପଠନ
2. ଗଭୀର ପଠନ
3. ସରବ ପଠନ
4. ଦ୍ରୁତ ପଠନ

143. ଶ୍ରୁତଲିଖନ ଦ୍ୱାରା ଏହି ଦୁଇଟି ଦକ୍ଷତାର ବିକାଶ ସାଧିତ ହୁଏ

1. ପଠନ ଓ ଲିଖନ
2. ଲିଖନ ଓ କଥନ
3. ଶ୍ରବଣ ଓ ଲିଖନ
4. କଥନ ଓ ପଠନ

144. ଗଦ୍ୟ ସାହିତ୍ୟ ଶିକ୍ଷାଦାନରେ ଲେଖକଙ୍କ ପରିଚୟ ଓ ପ୍ରସଙ୍ଗର ପୃଷ୍ଠଭୂମି ଏହି ସୋପାନରେ ଦିଆଯାଇଥାଏ

1. ଉପସ୍ଥାପନ
2. ପ୍ରୟୋଗ
3. ସାଧାରଣ ଉଦ୍ଦେଶ୍ୟ
4. ଉପକ୍ରମ

145. ଭାଷାର ଧ୍ୱନି, ଶବ୍ଦ, ପଦ, ବାକ୍ୟ, ରୂଢ଼ି ଆଦି ସମ୍ବନ୍ଧରେ ଜ୍ଞାନଲାଭ କରିବା – ଏହି ଶିକ୍ଷାଦାନର ଏକ ଉଦ୍ଦେଶ୍ୟ

1. ପଦ୍ୟ
2. ବ୍ୟାକରଣ
3. ଗଦ୍ୟ
4. ରଚନା

146. କୌଣସି ଏକ ବସ୍ତୁକୁ ଅନେକ ପ୍ରକାର ବର୍ଣ୍ଣନା କରିବାର ସାମର୍ଥ୍ୟକୁ ଏହା କୁହାଯାଏ

1. ନମନୀୟତା
2. ବାକ୍‌ପଟୁତା
3. ମୌଳିକତା
4. ସମ୍ପ୍ରସାରଣଶୀଳତା

147. 'ମଧୁବାବୁଙ୍କ ସମ୍ବନ୍ଧରେ ଯାହା ଜାଣ ଲେଖ ।'- ଏହା ଏକ

1. ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ
2. ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ
3. ବସ୍ତୁନିଷ୍ଠ ପ୍ରଶ୍ନ
4. ନିର୍ଦ୍ଦିଷ୍ଟ ଉତ୍ତର ମୂଳକ ପ୍ରଶ୍ନ

148. 'ଅଇଲା ମାଳୀ ମାଇଲା ତାଳି
ଧରି ପଳାଇଲା ଖେଚେଡ଼ି ଥାଳି"
ଏହି ଭଳି ଗୀତାଂଶର ବାରମ୍ବାର ଆବୃତ୍ତି ଫଳରେ ଏହା ଘଟେ ।

1. ଲିଖନ ତ୍ରୁଟି ନିରାକରଣ
2. ଶ୍ରବଣ ତ୍ରୁଟି ନିରାକରଣ
3. ଉଚ୍ଚାରଣ ତ୍ରୁଟି ନିରାକରଣ
4. ପଠନ ତ୍ରୁଟି ନିରାକରଣ

149. 'କମ୍ପ୍ୟୁଟର' – ଏହି ଶିକ୍ଷୋପକରଣ ଅନ୍ତର୍ଭୁକ୍ତ

1. କ୍ରିୟାତ୍ମକ
2. ଶ୍ରାବ୍ୟ-ଦୃଶ୍ୟ
3. ଦୃଶ୍ୟ
4. ଶ୍ରାବ୍ୟ

150. ଭାଷା ସାହିତ୍ୟ ଶିକ୍ଷାଦାନରେ ଏହା ଏକ ସହପାଠ୍ୟ କାର୍ଯ୍ୟକ୍ରମ

1. ଶ୍ରୁତଲିଖନ
2. ବନାନ ଖେଳ
3. ତର୍କ ସଭା
4. ପାଠ୍ୟ ବହି ପଠନ